**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୯.୫୦ ● ପାଉଣ୍ଡ ୧୨୧.୭୬
- ୟୁରୋ ୧୦୫.୭୧ ● ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୨୪,୮୫୦ (ଭୁବନେଶ୍ୱର)
- ରୁପା : ୨,୫୨,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍ସେକ୍ସ ୮୪,୬୭୫.୦୦
- ନିଫ୍ଟି ୨୫,୯୩୮.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ଇରାନରେ ଅର୍ଥନୈତିକ ଅସ୍ଥିରତା

# 'ରିୟାଲ୍' ମୂଲ୍ୟରେ ଐତିହାସିକ ହ୍ରାସ

**ନୂଆଦିଲ୍ଲୀ,୩୦।୧୨(ଏଜେନ୍ସି):** ଇରାନ୍ ଏବେ ବଡ଼ ଆର୍ଥିକ ସଙ୍କଟ ସହ ଯୁଝୁଛି। କାରଣ ଇରାନ୍ ମୁଦ୍ରା ରିୟାଲ୍ ମୂଲ୍ୟ ରେକର୍ଡ ନିମ୍ନ ସ୍ତରକୁ ଖସିଆସିଛି। ଇରାନ୍ ଇତିହାସରେ ପ୍ରଥମ ଥର ପାଇଁ ରିୟାଲ୍ ଆମେରିକୀୟ ଡଲାର ତୁଳନାରେ ଐତିହାସିକ ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଯାହାଫଳରେ ୧ ଡଲାର ୧୪ ଲକ୍ଷ ରିୟାଲ୍ ହୋଇଯାଇଛି। ଦେଶରେ ମୁଦ୍ରାସ୍ଫୀତି ଅତ୍ୟଧିକ ବୃଦ୍ଧି ପାଇଥିବାବେଳେ ରିୟାଲ୍ ମୂଲ୍ୟରେ ହ୍ରାସ ଜନିତ ଅର୍ଥନୈତିକ ପତନ ଦେଶରେ ଅନେକ ଗମ୍ଭୀର ସଙ୍କଟ ସୃଷ୍ଟି କରିଛି। ଏହାର ପ୍ରତିବାଦରେ ଇରାନ୍‌ରେ ଲକ୍ଷାଧିକ ଲୋକ ସଡ଼କକୁ ଓହ୍ଲାଇଛନ୍ତି। ଏହା ମଧ୍ୟରେ ଇରାନ୍ କେନ୍ଦ୍ରୀୟ ବ୍ୟାଙ୍କ ମୁଖ୍ୟ ଇସ୍ତଫା ଦେଇଛନ୍ତି।

୨୦୨୨ ମସିହାର ମହସା ଆମିନୀ ପ୍ରତିବାଦ ପରେ ଇରାନ ବର୍ତ୍ତମାନ ସବୁଠାରୁ ବଡ଼ ନାଗରିକ ଅଶାନ୍ତିର ସମ୍ମୁଖୀନ ହେଉଛି। ସୋମବାର ଇରାନ୍‌ର ପ୍ରମୁଖ ଇରାନ ସହରଗୁଡ଼ିକରେ ଏହି ଗଣ ବିକ୍ଷୋଭ ଦେଖିବାକୁ ମିଳିଛି। ୨୦୧୫ ପରମାଣୁ ଚୁକ୍ତି ସମୟରେ ଡଲାର ତୁଳନାରେ ରିଆଲର ମୂଲ୍ୟ ପ୍ରାୟ୩୨,୦୦୦ ଥିଲା। ହେଲେ ବର୍ତ୍ତମାନ ଏତେ ନିମ୍ନ ସ୍ତରକୁ ଖସିବା ଦେଶର ଲୋକେ ହଜମ କରିପାରୁନାହାଁନ୍ତି। ଇରାନରେ ଅର୍ଥନୈତିକ

> **୧ ଡଲାର =୧୪ ଲକ୍ଷ ରିୟାଲ୍**
>
> **ସାରା ଦେଶରେ ବିକ୍ଷୋଭ**
>
> **କେନ୍ଦ୍ରୀୟ ବ୍ୟାଙ୍କ ମୁଖ୍ୟଙ୍କ ଇସ୍ତଫା**

ଅସ୍ଥିରତା ମଧ୍ୟରେ ଦେଶରେ ଦୈନନ୍ଦିନ ଆବଶ୍ୟକତା ଏବଂ ଖାଦ୍ୟ ସାମଗ୍ରୀର ମୂଲ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇଛି, ଯାହା ମଧ୍ୟବିତ୍ତ ଏବଂ ନିମ୍ନ ଆୟକାରୀ ପରିବାରର ବଜେଟକୁ ସମ୍ପୂର୍ଣ୍ଣ ଭାବରେ ପଙ୍ଗୁ କରିଦେଇଛି। ଇରାନୀ ନୂତନ ବର୍ଷ ମାର୍ଚ୍ଚ ୨୧ରୁ ସରକାରୀ ଟିକସ ବୃଦ୍ଧି ପାଉଥିବା ସମ୍ପର୍କିତ ଖବର ଲୋକଙ୍କ ଆକ୍ରୋଶକୁ ଆହୁରି ବଢ଼ାଇଦେଇଛି। ଏହାଛଡା ପେଟ୍ରୋଲ ମୂଲ୍ୟରେ ସାମ୍ପ୍ରତିକ ପରିବର୍ତ୍ତନ ମୁଦ୍ରାସ୍ଫୀତି ଚାପ ବଢ଼ାଇଛି, ଯାହା ସିଧାସଳଖ ପରିବହନ ଏବଂ ଲଜିଷ୍ଟିକ୍ସକୁ ପ୍ରଭାବିତ କରିଛି।

ରାଜଧାନୀ ତେହେରାନରୁ ପ୍ରଦର୍ଶନ ଆରମ୍ଭ ହୋଇଥିଲା, କିନ୍ତୁ ଶୀଘ୍ର ଇସ୍ଫାହାନ, ଶିରାଜ ଏବଂ ମଶାଦ ଭଳି ଅନ୍ୟାନ୍ୟ ପ୍ରମୁଖ ସହରକୁ ଏହା ବ୍ୟାପି ଯାଇଛି। ଏହି ପ୍ରତିବାଦର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ବ୍ୟବସାୟୀ ସମ୍ପ୍ରଦାୟର ଅଂଶଗ୍ରହଣ। ତେହେରାନର ଐତିହାସିକ ଗ୍ରାଣ୍ଡ ବଜାର ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟିକ ସ୍ଥଳରେ ବ୍ୟବସାୟୀମାନେ ଦୋକାନ ବନ୍ଦ କରି ଧର୍ମଘଟରେ ସାମିଲ ହୋଇଛନ୍ତି। ବିଶେଷଜ୍ଞଙ୍କ ଅନୁଯାୟୀ, ବ୍ୟବସାୟୀଙ୍କ ଏପରି ଆଭିମୁଖ୍ୟ ୧୯୭୯ ଇସଲାମିକ୍ ବିପ୍ଳବ ସମୟରେ ସେମାନଙ୍କ ଭୂମିକାକୁ ମନେ ପକାଇଦେଉଛି।

ଏହି ବର୍ଦ୍ଧିତ ଅର୍ଥନୈତିକ ଚାପର ପ୍ରଥମ ପ୍ରମୁଖ ରାଜନୈତିକ ପ୍ରଭାବ ହେଉଛି ଇରାନର କେନ୍ଦ୍ରୀୟ ବ୍ୟାଙ୍କର ମୁଖ୍ୟ ମହମ୍ମଦ ରେଜା ଫରଜିନଙ୍କ ଇସ୍ତଫା। ସେ ନିରନ୍ତର ମୁଦ୍ରା ହ୍ରାସ ଏବଂ ବଢୁଥିବା ପ୍ରତିବାଦ ମଧ୍ୟରେ ଇସ୍ତଫା ଦେଇଛନ୍ତି। ଦଙ୍ଗା ବିରୋଧୀ ପୋଲିସ ତେହେରାନର ବିଭିନ୍ନ ସ୍ଥାନରେ ଭିଡ଼କୁ ଘଉଡ଼ାଇବା ପାଇଁ ଲୁହବୁହା ଗ୍ୟାସ ବ୍ୟବହାର କରିଥିଲା। ତେହେରାନ୍‌ର ସଡ଼କରେ ସରକାର ବିରୋଧୀ ସ୍ଲୋଗାନ ଶୁଣାଯାଇଛି। ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ଗୃହମନ୍ତ୍ରୀଙ୍କୁ ବିକ୍ଷୋଭକାରୀଙ୍କ ନ୍ୟାୟସଙ୍ଗତ ଦାବି ଶୁଣିବା ଏବଂ ସମାଧାନ ଖୋଜିବା ପାଇଁ ସେମାନଙ୍କ ପ୍ରତିନିଧିମାନଙ୍କ ସହିତ ଯୋଗାଯୋଗ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।



## ଭାରତ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୀତି

**ନୂଆଦିଲ୍ଲୀ,୩୦।୧୨(ଏଜେନ୍ସି):** ନୂତନ ବର୍ଷ ପୂର୍ବରୁ ଭାରତର ଅର୍ଥନୀତି ପାଇଁ ଆସିଛି ଭଲ ଖବର। କାରଣ ଭାରତ ଏବେ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଛି। ସରକାରଙ୍କ ବର୍ଷ ଶେଷ ଅର୍ଥନୀତି ସମୀକ୍ଷା ଅନୁଯାୟୀ, ଭାରତ ଜାପାନକୁ ପଛରେ ପକାଇଦେଇଛି। ଆଗାମୀ ବର୍ଷଗୁଡ଼ିକରେ ଭାରତ ଜର୍ମାନୀକୁ ପଛରେ ପକାଇ ଆମେରିକା ଏବଂ ଚୀନ୍ ପରେ ତୃତୀୟ ବୃହତ୍ତମ ଅର୍ଥନୀତି ହେବାକୁ ଯାଉଛି। ଏହା ୨୦୨୬ର ପ୍ରଥମାର୍ଦ୍ଧରେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ଦ୍ୱାରା ପ୍ରକାଶିତ ତଥ୍ୟ ଦ୍ୱାରା ନିଶ୍ଚିତ କରାଯିବ, ଯେଉଁଥିରେ ୨୦୨୫ ର ଚୂଡ଼ାନ୍ତ ସଂଖ୍ୟା ଅନ୍ତର୍ଭୁକ୍ତ ହେବ।

ସରକାରୀ ବିବୃତ୍ତିରେ କୁହାଯାଇଛି ଯେ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ୪.୧୮ ଟ୍ରିଲିୟନ ଡଲାରରେ ପହଞ୍ଚିଛି। ଆଗାମୀ ଅଢ଼େଇରୁ ତିନି ବର୍ଷ ମଧ୍ୟରେ, ଭାରତ ଜର୍ମାନୀକୁ ପଛରେ ପକାଇ ତୃତୀୟ ବୃହତ୍ତମ ଅର୍ଥନୀତି ହେବ। ୨୦୩୦ ସୁଦ୍ଧା ଭାରତର ଜିଡିପି ୭.୩ ଟ୍ରିଲିୟନ ଡଲାରରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ଭାରତ ବହୁ ବର୍ଷ ଧରି ବିଶ୍ୱର ଦ୍ରୁତତମ ଅଭିବୃଦ୍ଧିଶୀଳ ପ୍ରମୁଖ ଅର୍ଥନୀତି ମଧ୍ୟରୁ ଗୋଟିଏ ହୋଇଛି। ଗତ ୧୦ ବର୍ଷ ମଧ୍ୟରେ ଭାରତର ଅର୍ଥନୀତିର ଆକାର ଦ୍ୱିଗୁଣିତ ହୋଇଛି। ଭାରତ ଏବେ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବାକୁ ଲକ୍ଷ୍ୟ ରଖିଛି। ସୋମବାର ସରକାର କହିଛନ୍ତି ଯେ ଭାରତ ବିଶ୍ୱର ଦ୍ରୁତତମ ଅଭିବୃଦ୍ଧିଶୀଳ ପ୍ରମୁଖ ଅର୍ଥନୀତି ମଧ୍ୟରୁ ଗୋଟିଏ ଏବଂ ଏହାର ଅଭିବୃଦ୍ଧି ଗତି ବଜାୟ ରଖିବା ପାଇଁ ଭଲ ସ୍ଥିତିରେ ଅଛି।

# ୫୦% ବଢ଼ିଲା ଇଣ୍ଡିଗୋ ପାଇଲଟ୍‌ଙ୍କ ଭତ୍ତା

## ଜାନୁଆରୀ ପହିଲାରୁ କାର୍ଯ୍ୟକାରୀ ହେବ ନୂତନ ନିୟମ

**ନୂଆଦିଲ୍ଲୀ,୩୦।୧୨(ଏଜେନ୍ସି):** ବ୍ୟାପକ ଉଡ଼ାଣ ବାତିଲ ଏବଂ ନିୟାମକ ଯାଞ୍ଚ ମଧ୍ୟରେ ଦେଶର ସର୍ବବୃହତ ବିମାନ କମ୍ପାନୀ ଇଣ୍ଡିଗୋ ତା'ର ପାଇଲଟ୍‌ମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ପ୍ରଦାନ କରିଛି। ପରିଚାଳନାଗତ ଆହ୍ୱାନ ମଧ୍ୟରେ ବିମାନ କମ୍ପାନୀ ଜାନୁଆରୀ ପହିଲାରୁ ପାଇଲଟ୍‌ଙ୍କ ଭତ୍ତାରେ ୫୦% ପର୍ଯ୍ୟନ୍ତ ବୃଦ୍ଧି କରିଛି। ଏଥିରେ କ୍ୟାପ୍ଟେନ୍ ଏବଂ ଫାଷ୍ଟ ଅଫିସର ସାମିଲ। ନୂତନ ବ୍ୟବସ୍ଥା ଅନୁଯାୟୀ ୧୦ ରୁ ୨୪ ଘଣ୍ଟା ମଧ୍ୟରେ ରହିବା ପାଇଁ ଘରୋଇ ଲେଓଭର ଭତ୍ତା ୫୦% ବୃଦ୍ଧି କରାଯାଇଛି। ଏହି ଭତ୍ତା ସହିତ ଡ୍ୟୁଟିରେ ଥିବା ସମୟରେ ପାଇଲଟ୍‌ମାନଙ୍କୁ ଘରୁ ଦୂରରେ ବିତାଇଥିବା ସମୟ ପାଇଁ କ୍ଷତିପୂରଣ ଦିଆଯିବ। ଫାଷ୍ଟ ଅଫିସରମାନଙ୍କୁ ଏବେ ୧,୦୦୦ ପରିବର୍ତ୍ତେ ୧,୫୦୦ ଟଙ୍କା ପ୍ରଦାନ କରାଯିବ, ଯେତେବେଳେ କ୍ୟାପ୍ଟେନ୍‌ମାନଙ୍କୁ ଏବେ ୨,୦୦୦ ପରିବର୍ତ୍ତେ ୩,୦୦୦ ଟଙ୍କା ଭତ୍ତା ପ୍ରଦାନ କରାଯିବ।



ଇଣ୍ଡିଗୋର ଏହି ନିଷ୍ପତ୍ତି ଏହି ମାସର ଆରମ୍ଭରେ ଏକ ରୋଷ୍ଟରିଂ ତ୍ରୁଟି ଯୋଗୁଁ ପ୍ରାୟ ୪,୫୦୦ ଉଡ଼ାଣ ବାତିଲ ହେବା ପରେ ଆସିଛି, ଯାହା ଫଳରେ ଲକ୍ଷ ଲକ୍ଷ ଯାତ୍ରୀ ଫସି ରହିଛନ୍ତି। ବିଶେଷଜ୍ଞମାନେ କହିଛନ୍ତି ଯେ ପାଇଲଟଙ୍କ ମନୋବଳ ବଜାୟ ରଖିବା ଏବଂ ବିଦେଶୀ ଏୟାରଲାଇନ୍ସ ସହିତ ପ୍ରତିଯୋଗିତା କରିବା ପାଇଁ ଏହି ପଦକ୍ଷେପ ଆବଶ୍ୟକ। ପାଇଲଟମାନଙ୍କୁ ପଠାଯାଇଥିବା ଏକ ଇମେଲ୍ ଅନୁଯାୟୀ, ଡେଡହେଡିଂ ପାଇଁ ଭତ୍ତା (ଏକ ଅଭ୍ୟାସ ଯେଉଁଥିରେ ଏୟାରଲାଇନ୍ସ କ୍ରୁ ଭବିଷ୍ୟତର ଡ୍ୟୁଟି ପାଇଁ ନିଜକୁ ପ୍ରସ୍ତୁତ କରିବା ପାଇଁ ଯାତ୍ରୀ ଭାବରେ ଯାତ୍ରା କରନ୍ତି) କ୍ୟାପ୍ଟେନ୍‌ଙ୍କ ପାଇଁ ୩,୦୦୦ ରୁ ୪,୦୦୦ ଟଙ୍କା ଏବଂ ଫାଷ୍ଟ ଅଫିସରଙ୍କ ପାଇଁ ୫୦୦ ଟଙ୍କାରୁ ୨୦୦୦ ଟଙ୍କାକୁ ବୃଦ୍ଧି କରାଯିବ। ଘରୋଇ ବଜାରରେ ୬୫% ଅଂଶୀଦାର ଥିବା ଏହି ବିମାନ କମ୍ପାନୀ ଚଳିତ ମାସ ପ୍ରାରମ୍ଭରେ ପ୍ରାୟ ୪୫୦୦ ଉଡ଼ାଣ ବାତିଲ କରିବା ପରେ ନିୟାମକ ଯାଞ୍ଚ ଏବଂ ପ୍ରତିଯୋଗିତା ତଦନ୍ତର ସମ୍ମୁଖୀନ ହେଉଛି।

# ଗୋଟିଏ ଇନ୍‌ଷ୍ଟାଗ୍ରାମ ପୋଷ୍ଟରେ ସବୁ ସମ୍ପତ୍ତି ହରାଇଲେ ରୁଷୀୟ ଅରବପତି

> **ସହିଲେ ୮୦ ହଜାର କୋଟିର କ୍ଷତି**
>
> **ୟୁକ୍ରେନ୍ ସହ ଯୁଦ୍ଧକୁ ପାଗଳାମୀ କହିଥିଲେ**

**ମସ୍କୋ,୩୦।୧୨(ଏଜେନ୍ସି):** ଜଣେ ରୁଷୀୟ ବ୍ୟାଙ୍କିଙ୍ଗ ଟାଇକୁନଙ୍କ କାହାଣୀ ଦର୍ଶାଏ ଯେ କର୍ପୋରେଟ୍ ଜଗତରେ ଏକ ଛୋଟ ବୟାନ କେତେବେଳେ ଜଣକ ପାଇଁ କେତେ ମହଙ୍ଗା ହୋଇପାରେ। ଜଣାଶୁଣା ରୁଷୀୟ ବ୍ୟାଙ୍କର ଏବଂ ଟିଙ୍କୋଫ ବ୍ୟାଙ୍କର ପ୍ରତିଷ୍ଠାତା ଓଲେଗ୍ ଟିଙ୍କୋଭ ଏମିତି ଏକ ସୋସିଆଲ ମିଡିଆ ପୋଷ୍ଟ କରି ନିଜର ସବୁ ସମ୍ପତ୍ତି ହରାଇଛନ୍ତି। ଏହି ପୋଷ୍ଟ ଫଳରେ ସେ ପ୍ରାୟ ୯ ବିଲିୟନ ଡଲାର (ପ୍ରାୟ ୮୦ ,୦୦୦ କୋଟି ଟଙ୍କାର) କ୍ଷତି ସହିଛନ୍ତି। ଏହାର କାରଣ ଥିଲା ଯେ, ଏକ ଇନଷ୍ଟାଗ୍ରାମ ପୋଷ୍ଟରେ ଏହି ରୁଷୀୟ ଅରବପତି ଜଣଙ୍କ ୟୁକ୍ରେନ ଯୁଦ୍ଧକୁ ପାଗଳାମି ବୋଲି କହିଥିଲେ।

ଟିଙ୍କୋଭଙ୍କ ଏହି ପୋଷ୍ଟ ପରେ, କ୍ରେମଲିନ୍‌ଙ୍କ ଚାପରେ ସେ ବ୍ୟାଙ୍କରେ ଥିବା ତାଙ୍କର ସମସ୍ତ ଅଂଶଧନକୁ ଖୁବ୍ କମ୍ ମୂଲ୍ୟରେ ବିକ୍ରି କରିବାକୁ ବାଧ ହୋଇଥିଲେ। ଟିଙ୍କୋଭ କହିଛନ୍ତି ଯେ ତାଙ୍କୁ ତାଙ୍କର ସେୟାରଗୁଡ଼ିକୁ ପ୍ରକୃତ ମୂଲ୍ୟର ମାତ୍ର ୩%ରେ ବିକ୍ରି କରିବାକୁ ପଡିଲା। ଏଥିଯୋଗୁ ତାଙ୍କୁ ପ୍ରାୟ ୯ ବିଲିୟନ ଡଲାର କିମ୍ବା ଭାରତୀୟ ଟଙ୍କାରେ ପ୍ରାୟ ୮୦,୦୦୦ କୋଟି ଟଙ୍କା କ୍ଷତି ସହିବାକୁ ପଡିଛି। ଟିଙ୍କୋଭ କହିଛନ୍ତି ଯେ ସେ ତାଙ୍କର ରୁଷୀୟ ନାଗରିକତା ମଧ୍ୟ ପରିତ୍ୟାଗ କରିଛନ୍ତି। ୨୦୨୨ରେ ରୁଷ-ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରେ, ଓଲେଗ୍ ଟିଙ୍କୋଭ ସୋସିଆଲ ମିଡିଆ ପ୍ଲାଟଫର୍ମ ଇନଷ୍ଟାଗ୍ରାମରେ ଏକ କଡ଼ା ବାର୍ତ୍ତା ସେୟାର କରିଥିଲେ। ସେ ଏହି ଯୁଦ୍ଧକୁ ପାଗଳାମି ବୋଲି କହିଥିଲେ। ସେ ରୁଷ ସେନାର ଯୁଦ୍ଧ ପ୍ରସ୍ତୁତି ଏବଂ ଦେଶରେ ପ୍ରଚଳିତ ଦୁର୍ନୀତି ଉପରେ ପ୍ରଶ୍ନ ଉଠାଇଥିଲେ। ଟିଙ୍କୋଭ ଲେଖିଛନ୍ତି, ସେ ଏହି ପାଗଳ ଯୁଦ୍ଧର ଜଣେ ହେଲେ ମଧ୍ୟ ଲାଭାର୍ଥୀ ଦେଖୁନାହାଁନ୍ତି। ନିରୀହ ଲୋକ ଏବଂ ସୈନିକଙ୍କୁ ହତ୍ୟା କରାଯାଉଛି। ବ୍ୟଙ୍ଗାତ୍ମକ ଢ଼ଙ୍ଗରେ ରୁଷର ସାମରିକ ନେତୃତ୍ୱକୁ ସମାଲୋଚନା କରି ସେ କହିଥିଲେ ଯେ, ଜେନେରାଲମାନେ ହ୍ୟାଙ୍ଗଓଭରରୁ ଉଠି ସେମାନଙ୍କ ସେନାର ଅବସ୍ଥା କେତେ ଭୟଙ୍କର ତାହା ଅନୁଭବ କରୁଛନ୍ତି। ଟିଙ୍କୋଭଙ୍କ ମତରେ ୯୦ ପ୍ରତିଶତ ରୁଷୀୟ ନାଗରିକ ଏହି ଯୁଦ୍ଧ ବିରୁଦ୍ଧରେ ଥିଲେ।

ଏକ ସାକ୍ଷାତକାରରେ, ଟିଙ୍କୋଭ ଏହା ମଧ୍ୟ କହିଛନ୍ତି ଯେ, ତାଙ୍କର ଏକ ପୋଷ୍ଟ କିପରି କ୍ରେମଲିନରେ ହଇଚଇ ସୃଷ୍ଟି କରିଥିଲା। ତାଙ୍କ ଅନୁସାରେ, ପୋଷ୍ଟ କରିବାର କିଛି ଦିନ ମଧ୍ୟରେ ତାଙ୍କୁ ଧମକପୂର୍ଣ୍ଣ ଫୋନ୍ କଲ୍ ମିଳିବା ଆରମ୍ଭ ହୋଇଥିଲା। ତାଙ୍କୁ ବ୍ୟାଙ୍କରେ ମୋର ଅଂଶଧନ ବିକ୍ରି କରିବାକୁ ଏବଂ ବ୍ରାଣ୍ଡରୁ ମୋର ନାମ ହଟାଇବାକୁ କୁହାଯାଇଥିଲା, ନଚେତ୍ ବ୍ୟାଙ୍କ ଜାତୀୟକରଣ କରାଯିବ। ତାଙ୍କୁ 'ବନ୍ଧକ' ପରିସ୍ଥିତିରେ ରଖାଯାଇଥିବା ସେ କହିଛନ୍ତି। ଶେଷରେ ଟିଙ୍କୋଭ କହିଛନ୍ତି ଯେ, ତାଙ୍କ ସମ୍ପତ୍ତିର ପ୍ରକୃତ ମୂଲ୍ୟର କେବଳ ସେ ୩ ପ୍ରତିଶତ ପାଇଥିଲେ। ଏହା ସିଧାସଳଖ ତାଙ୍କ ନେଟ୍ ସମ୍ପତ୍ତିକୁ ୯ ବିଲିୟନ ଡଲାରକୁ ହ୍ରାସ କରିଥିଲା।

### ଓଲେଗ୍ ଟିଙ୍କୋଭ କିଏ ?

ଓଲେଗ୍ ଟିଙ୍କୋଭ ରୁଷର ସବୁଠାରୁ ସଫଳ ଉଦ୍ୟୋଗୀମାନଙ୍କ ମଧ୍ୟରୁ ଜଣେ। ସେ ଟିଙ୍କୋଫ୍ ବ୍ୟାଙ୍କ ପ୍ରତିଷ୍ଠା କରିଥିଲେ, ଯାହାକୁ ରୁଷର ସବୁଠାରୁ ଆଧୁନିକ ଏବଂ ଡିଜିଟାଲ୍-ପ୍ରଥମ ବ୍ୟାଙ୍କ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଉଥିଲା। ଏକ ସମୟରେ ସେ ରୁଷର ସବୁଠାରୁ ଧନୀ ଲୋକଙ୍କ ମଧ୍ୟରେ ତାଲିକାଭୁକ୍ତ ହୋଇଥିଲେ, କିନ୍ତୁ ବର୍ତ୍ତମାନ ସେ ରୁଷ ଛାଡି ତାଙ୍କ ନାଗରିକତା ପ୍ରତ୍ୟାହାର କରିଛନ୍ତି।



## ନୀତି ଆୟୋଗରେ ଅର୍ଥନୀତିଜ୍ଞଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ବୈଠକ

# 'ବିଭିନ୍ନ କ୍ଷେତ୍ରରେ ମିଶନ-ମୋଡ୍ ସଂସ୍କାର ଆବଶ୍ୟକ'

**ନୂଆଦିଲ୍ଲୀ, ୩୦।୧୨ (ଏଜେନ୍ସି):** ୨୦୨୬-୨୭ ଆର୍ଥିକବର୍ଷର ସାଧାରଣ ବଜେଟ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ପୂର୍ବାହ୍ନରେ ନୀତି ଆୟୋଗରେ ବିଶିଷ୍ଟ ଅର୍ଥନୀତିଜ୍ଞମାନଙ୍କୁ ଭେଟିଛନ୍ତି। ଏଥିରେ ଆଲୋଚନାର ବିଷୟବସ୍ତୁ ଆତ୍ମନିର୍ଭରତା ଏବଂ ଗଠନାତ୍ମକ ପରିବର୍ତ୍ତନ: ବିକଶିତ ଭାରତ ପାଇଁ ଏଜେଣ୍ଡା ରହିଥିଲା। ବୈଠକରେ ପ୍ରଧାନମନ୍ତ୍ରୀ ବିଶ୍ୱ ଦକ୍ଷତା ନିର୍ମାଣ ଏବଂ ବିଶ୍ୱ ଏକତ୍ରୀକରଣ ହାସଲ କରିବା ପାଇଁ ମିଶନ-ମୋଡ୍ ସଂସ୍କାରର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଦୀର୍ଘକାଳୀନ ଅଭିବୃଦ୍ଧିକୁ ବଜାୟ ରଖିବା ପାଇଁ, ପ୍ରଧାନମନ୍ତ୍ରୀ ବିଭିନ୍ନ କ୍ଷେତ୍ରରେ ମିଶନ-ମୋଡ୍ ସଂସ୍କାର ପାଇଁ ଆହ୍ୱାନ ଦେଇଥିଲେ। ଆଲୋଚନା ସମୟରେ, ଅର୍ଥନୀତିଜ୍ଞମାନେ ଉତ୍ପାଦନ ଏବଂ ସେବା କ୍ଷେତ୍ରରେ ଉତ୍ପାଦକତା ଏବଂ ପ୍ରତିଯୋଗିତା ବୃଦ୍ଧି ଉପରେ ରଣନୈତିକ ମତାମତ ବାଣ୍ଟିଥିଲେ। ଆଲୋଚନାଗୁଡ଼ିକ ଘରୋଇ ସଞ୍ଚୟ ବୃଦ୍ଧି, ଦୃଢ଼ ଭିତ୍ତିଭୂମି ବିକାଶ ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଗ୍ରହଣ ମାଧ୍ୟମରେ ଗଠନାତ୍ମକ ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବା ଉପରେ ମତ ଦେଇଥିଲେ। ଏହି ବୈଠକରେ ଶଙ୍କର ଆଚାର୍ଯ୍ୟ, ଅଶୋକ କେ. ଭଟ୍ଟାଚାର୍ଯ୍ୟ, ଏନ. ଆର. ଭାନୁମୂର୍ତ୍ତି, ଅମିତା ବାତ୍ରା, ଜନ୍ମେଜୟ ସିହ୍ନା, ଅମିତ ଚନ୍ଦ୍ର, ରଜନୀ ସିହ୍ନା, ଦୀନେଶ କାନାବର, ବସନ୍ତ ପ୍ରଧାନ, ମଦନ ସବନାଭିସ୍, ଅଶିମା ଗୋୟଲ, ଶ୍ରୀ ଧର୍ମକୀର୍ତ୍ତି ଜୋଶୀ, ଉମାକାନ୍ତ ଦାଶ, ପିନାକୀ ଚକ୍ରବର୍ତ୍ତୀ, ଇନ୍ଦ୍ରନୀଲ ସେନ୍ ଗୁପ୍ତା, ସମୀରଣ ଚକ୍ରବର୍ତ୍ତୀ, ଅଭିମାନ ଦାସ, ରାହୁଲ ବାଜୋରିଆ, ମୋନିକା ହାଲାନ ଏବଂ ସିଦ୍ଧାର୍ଥ ସାନ୍ୟାଲଙ୍କ ଭଳି ଅନେକ ପ୍ରସିଦ୍ଧ ଅର୍ଥନୀତିଜ୍ଞ ଓ ବିଶେଷଜ୍ଞ ଯୋଗଦେଇଥିଲେ।

# ପିପିଏଫ୍-ସୁକନ୍ୟାରେ କମିପାରେ ସୁଧ

> **ସ୍ୱଳ୍ପ ସଞ୍ଚୟ ଯୋଜନାର ସୁଧ ହାର ହ୍ରାସ କରିବେ ସରକାର**
>
> **ଅର୍ଥ ମନ୍ତ୍ରଣାଳୟର ସମୀକ୍ଷା ବୈଠକ ଆଜି**

**ନୂଆଦିଲ୍ଲୀ,୩୦।୧୨(ଏଜେନ୍ସି):** ଖୁବ୍ ଶୀଘ୍ର ସ୍ୱଳ୍ପ ସଞ୍ଚୟ ଯୋଜନାର ହିତାଧିକାରୀଙ୍କୁ ଲାଗିବାକୁ ଯାଉଛି ବଡ଼ ଝଟ୍‌କା। କ୍ଷୁଦ୍ର ସଞ୍ଚୟ ଯୋଜନାର ସୁଧ ହାରରେ କେନ୍ଦ୍ର ସରକାର ବଡ଼ ପରିବର୍ତ୍ତନ କରିବାକୁ ଯାଉଛନ୍ତି। ଏହି ଅନୁଯାୟୀ, ପିପିଏଫ୍-ସୁକନ୍ୟା-ଏନ୍‌ଏସ୍‌ସି ଭଳି ସ୍ୱଳ୍ପ ସଞ୍ଚୟ ଯୋଜନାର ସୁଧହାରେ ହ୍ରାସ ଘଟିପାରେ। ଅର୍ଥ ମନ୍ତ୍ରଣାଳୟ ଡିସେମ୍ବର ରେ କ୍ଷୁଦ୍ର ସଞ୍ଚୟ ଯୋଜନାର ସୁଧ ହାରର ସମୀକ୍ଷା କରିପାରେ। ଯଦି ସରକାର ନୂତନ ହାର ଘୋଷଣା କରନ୍ତି, ତେବେ ଏହା ୨୦୨୬ ଜାନୁଆରୀ-ମାର୍ଚ୍ଚ ତ୍ରୈମାସିକ ପାଇଁ ହେବ।




ବହୁ ସଂଖ୍ୟକ ଲୋକ କ୍ଷୁଦ୍ର ସଞ୍ଚୟ ଯୋଜନାରେ ନିବେଶ କରନ୍ତି କାରଣ ସେଗୁଡ଼ିକୁ ସବୁଠାରୁ ସୁରକ୍ଷିତ ବୋଲି ବିବେଚନା କରାଯାଏ। ବର୍ତ୍ତମାନ, କ୍ଷୁଦ୍ର ସଞ୍ଚୟ ଯୋଜନା ମଧ୍ୟରେ ସର୍ବାଧିକ ସୁଧ ହାର ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା (ଏସ୍‌ସିଏସ୍‌ଏସ୍) ଏବଂ ସୁକନ୍ୟା ସମୃଦ୍ଧି ଯୋଜନା (ଏସ୍‌ଏସ୍‌ୱାଇ) ଦ୍ୱାରା ପ୍ରଦାନ କରାଯାଏ। ଉଭୟ ରେ ୮.୨% ସୁଧ ହାର ମିଳିଥାଏ। ପବ୍ଲିକ୍ ପ୍ରୋଭିଡେଣ୍ଟ ଫଣ୍ଡ (ପିପିଏଫ୍) ସୁଧ ହାର ୭.୧%। ଚଳିତ ବର୍ଷ ଆର୍‌ବିଆଇ ଦ୍ୱାରା ରେପୋ ହାର ହ୍ରାସ ପରେ, ବ୍ୟାଙ୍କଗୁଡ଼ିକ ସ୍ଥିର ଜମା ସୁଧ ହାର ହ୍ରାସ କରିଛନ୍ତି। ଆର୍‌ବିଆଇ ସୁଧ ହାର ୧.୨୫% ହ୍ରାସ କରିଛି। ଆର୍‌ବିଆଇର ରେପୋ ହାର ହ୍ରାସ ସତ୍ତ୍ୱେ, କ୍ଷୁଦ୍ର ସଞ୍ଚୟ ଯୋଜନାର ସୁଧ ହାର ହ୍ରାସ ପାଇନାହିଁ। ସରକାର ଅକ୍ଟୋବର-ଡିସେମ୍ବର ତ୍ରୈମାସିକ ପାଇଁ ସୁଧ ହାର ଅପରିବର୍ତ୍ତିତ ରଖିଛନ୍ତି। ଜାତୀୟ ସଞ୍ଚୟ ପ୍ରମାଣପତ୍ର (ଏନ୍‌ଏସ୍‌ସି) ଉପରେ ସୁଧ ହାର ୭.୭%, ପୋଷ୍ଟ ଅଫିସ ମାସିକ ଆୟ ଯୋଜନା (ପିଓଏମ୍‌ଆଇଏସ୍) ଉପରେ ୭.୪% ଏବଂ କିଷାନ ବିକାଶ ପତ୍ର ଉପରେ ୭.୫% ସୁଧହାର ରହିଛି।

# ମଣିପାଲ୍ ହସ୍ପିଟାଲ୍ ଭୁବନେଶ୍ୱରର ସ୍ୱାସ୍ଥ୍ୟ ସଚେତନତା ପ୍ଲାଟଫର୍ମ 'ମାହି'

**ଭୁବନେଶ୍ୱର, ୩୦।୧୨(ସମିସ):** ମଣିପାଲ୍ ହସ୍ପିଟାଲ୍ ଭୁବନେଶ୍ୱର ପକ୍ଷରୁ ମାହି (ମଣିପାଲ୍ ହସ୍ପିଟାଲ୍‌ସ ହେଲ୍‌ଦି ଇଣ୍ଡିଆ)' ନାମରେ ଏକ ନୂଆ ପ୍ରତିରୋଧାତ୍ମକ ସ୍ୱାସ୍ଥ୍ୟ ଓ ୱେଲନେସ୍ ପ୍ଲାଟଫର୍ମ ଆରମ୍ଭ କରିଛି। ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂହ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହାକୁ

ଉଦଘାଟନ କରିଥିଲେ। 'ମାହି' ସମ୍ପର୍କରେ ସେ କହିଥିଲେ ମଣିପାଲ ହସ୍ପିଟାଲ ସଦା ସର୍ବଦା ରୋଗୀଙ୍କ ଉତ୍ତମ ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା କରେ। ଏହି ଅବସରରେ ଡାକ୍ତର ଶକ୍ତିମୟ ମହାପାତ୍ର (କଲଷ୍ଟର ଡାଇରେକ୍ଟର ସାଉଥ ଇଷ୍ଟ, ମଣିପାଲ୍ ହସ୍ପିଟାଲ୍ )ଙ୍କ ସମେତ ଅନେକ ଅଭିଜ୍ଞ ଡାକ୍ତର, ସ୍ୱାସ୍ଥ୍ୟ ବିଶେଷଜ୍ଞ, ନର୍ସ ଓ ଅନ୍ୟାନ୍ୟ ବୁଦ୍ଧିଜିବୀମାନେ ଉପସ୍ଥିତ ଥିଲେ । 'ମାହି' କୁ ଏକ ସହଜ ଓ ବିଶ୍ୱସନୀୟ ସ୍ୱାସ୍ଥ୍ୟ ସାଥୀ ଭାବେ ଗଢ଼ାଯାଇଛି। ଏହି ପ୍ଲାଟଫର୍ମ ମାଧ୍ୟମରେ




ସାଧାରଣ ଲୋକ ସହଜରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନା, ନିୟମିତ ହେଲେଥ୍ ଚେକଅପ୍, ଡାକ୍ତରଙ୍କ ପରାମର୍ଶ ଓ ଟୀକାକରଣ ସେବା ପାଇପାରିବେ। ଏହି ପ୍ଲାଟଫର୍ମ ୱେବସାଇଟ୍ ଓ ମୋବାଇଲ୍ ଆପ୍ ସହିତ ହସ୍ପିଟାଲ୍ ମଧ୍ୟରେ ମଧ୍ୟ ଉପଲବ୍ଧ ରହିବ।

# ଆଜି ଦେଶବ୍ୟାପୀ ଠପ୍ ହେବ ଫୁଡ୍ ଡେଲିଭରୀ

## ବାଧାପ୍ରାପ୍ତ ହେବ ଜୋମାଟୋ, ସ୍ୱିଗି, ବ୍ଲିଙ୍କିଟ୍,ଜେପ୍ଟୋ ପ୍ଲାଟଫର୍ମ ସେବା

**ନୂଆଦିଲ୍ଲୀ,୩୦।୧୨(ଏଜେନ୍ସି):** ଆଉ ଦିନ ପରେ ନୂତନ ବର୍ଷ। ତେବେ ଏହାକୁ ଧୂମ୍‌ଧାମ୍‌ରେ ସ୍ୱାଗତ କରିବା ପାଇଁ ସମସ୍ତ ବ୍ୟଗ୍ର। ହେଲେ ଏହି ନବବର୍ଷ ପାଳନର ଦିନକ ପୂର୍ବରୁ ଦେଶବ୍ୟାପୀ ଠପ୍ ହୋଇଯିବ ଫୁଡ୍ ଡେଲିଭରୀ। କାରଣ ଜୋମାଟୋ, ସ୍ୱିଗି, ବ୍ଲିଙ୍କିଟ୍ ଏବଂ ଜେପ୍ଟୋ ଭଳି ପ୍ରମୁଖ ପ୍ଲାଟଫର୍ମର ଗିଗ୍ କର୍ମଚାରୀମାନେ ବୁଧବାର ଦେଶବ୍ୟାପୀ ଧର୍ମଘଟ ଘୋଷଣା କରିଛନ୍ତି। ଏହା ନୂତନ ବର୍ଷର ପାର୍ଟି ପାଇଁ ଅନ୍‌ଲାଇନରେ ଖାଦ୍ୟ କିମ୍ବା ଅତ୍ୟାବଶ୍ୟକୀୟ ଜିନିଷପତ୍ର ଅର୍ଡର କରିବାକୁ ଯୋଜନାରେ ବଡ଼ ବାଧା ପହଞ୍ଚାଇବ। ଖ୍ରୀଷ୍ଟମାସ ଦିନ ଏକ ପ୍ରତୀକାତ୍ମକ ଧର୍ମଘଟ ପରେ ଶ୍ରମିକ ସଂଗଠନଗୁଡ଼ିକ ଏବେ ସେମାନଙ୍କର ଦାବି ପାଇଁ କଡ଼ା ନିଷ୍ପତ୍ତି ନେଇଛନ୍ତି, ଯାହା ବର୍ଷର ସବୁଠାରୁ ବ୍ୟସ୍ତତମ ଦିନରେ ଫୁଡ୍ ଡେଲିଭରୀ ସେବାରେ ସମ୍ପୂର୍ଣ୍ଣ ବାଧା ସୃଷ୍ଟି କରିପାରେ।

ଏହି ଧର୍ମଘଟର ମୁଖ୍ୟ କାରଣ ହେଉଛି, କ୍ୱିକ୍ କମର୍ସ କମ୍ପାନୀଗୁଡ଼ିକର '୧୦-ମିନିଟ୍ ବିତରଣ' ମଡେଲ୍ , ଯାହାକୁ କର୍ମଚାରୀମାନେ ବିପଜ୍ଜନକ ଏବଂ ଅସୁରକ୍ଷିତ ବୋଲି କହୁଛନ୍ତି। ଇଣ୍ଡିଆନ୍ ଆପ୍-ଆଧାରିତ ପରିବହନ କର୍ମଚାରୀ ମହାସଂଘ ସରକାରଙ୍କୁ ୧୦-ସୂତ୍ରୀ ଦାବି ପତ୍ର ପ୍ରଦାନ କରିଛି। ଏଥିରେ ଡେଲିଭରି ପାର୍ଟନରଙ୍କ ପାଇଁ ମାସିକ ସର୍ବନିମ୍ନ ୨୪,୦୦୦ ଟଙ୍କା ଆୟ , ରାଇଡ୍-ହେଲିଂ ଡ୍ରାଇଭରଙ୍କ ପାଇଁ ପ୍ରତି କିଲୋମିଟରରେ ୨୦ ଟଙ୍କା ମୂଲ୍ୟ ଏବଂ 'ସହଭାଗୀ' ପରିବର୍ତ୍ତେ କର୍ମୀର ଆଇନଗତ ସ୍ଥିତି ଅନ୍ତର୍ଭୁକ୍ତ, ଯାହା ଦ୍ୱାରା ସେମାନେ ଶ୍ରମ ଆଇନ ଦ୍ୱାରା ପରିଚାଳିତ ହୋଇପାରିବେ।



ଶ୍ରମିକ ସଂଗଠନଗୁଡ଼ିକ କେନ୍ଦ୍ର ଶ୍ରମ ମନ୍ତ୍ରୀ ମନସୁଖ ମାଣ୍ଡଭିଆଙ୍କୁ ଚିଠି ଲେଖି ଏଥିରେ ତୁରନ୍ତ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି। ଶ୍ରମିକମାନେ ଅଭିଯୋଗ କରିଛନ୍ତି ଯେ କମ୍ପାନୀଗୁଡ଼ିକ ଲାଭ ପାଇଁ ସେମାନଙ୍କ ସୁରକ୍ଷା ନେଇ ଆପତ୍ତି କରୁଛନ୍ତି। ସେମାନଙ୍କ ଦାବି ମଧ୍ୟରେ ସ୍ୱାସ୍ଥ୍ୟ ଏବଂ ଦୁର୍ଘଟଣା ବୀମା ଭଳି ସାମାଜିକ ସୁରକ୍ଷା, କାର୍ଯ୍ୟ ଘଣ୍ଟାକୁ ୮ ଘଣ୍ଟା ପର୍ଯ୍ୟନ୍ତ ସୀମା ଏବଂ ବୈଧ କାରଣ ବିନା ମନମୁଖୀ ଆଇଡି ବ୍ଲକ୍ କରିବାର ଅନ୍ତ ଅନ୍ତର୍ଭୁକ୍ତ।

ଏହି ଧର୍ମଘଟ ଭାରତର ଗିଗ୍ ଅର୍ଥନୀତି ପାଇଁ ଏକ ପ୍ରମୁଖ ମୋଡ଼ ସାବ୍ୟସ୍ତ ହୋଇପାରେ। ଡିସେମ୍ବର ୩୧ ହେଉଛି ଖାଦ୍ୟ ବିତରଣ ଏବଂ କ୍ୱିକ୍ କମର୍ସ କମ୍ପାନୀଗୁଡ଼ିକ ପାଇଁ ବର୍ଷର ସବୁଠାରୁ ବଡ଼ ବ୍ୟବସାୟିକ ଦିନ। ଏହି ଦନ ଧର୍ମଘଟ ଯୋଗୁ କୋଟି କୋଟି ଟଙ୍କାର କ୍ଷତି ହୋଇପାରେ। ଡିସେମ୍ବର ୨୫ରେ ଗୁରୁଗ୍ରାମ ଏବଂ ଦିଲ୍ଲୀ-ଏନ୍‌ସିଆରରେ ଦେଖାଯାଇଥିବା ପ୍ରଭାବକୁ ବିଚାର କରି , ଗ୍ରାହକମାନଙ୍କୁ ଶେଷ ମୁହୂର୍ତ୍ତରେ ଅର୍ଡର ଦେବାରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଉଛି। କାରଣ ସେମାନେ ଡେଲିଭରିରେ ବିପୁଳ ବିଳମ୍ବ କିମ୍ବା ବାତିଲର ସମ୍ମୁଖୀନ ହୋଇପାରନ୍ତି।

